# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 September – 2026**

************************************

## ମୁଖ୍ୟ ସମ୍ବାଦ

- କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପାଇଁ ଉତ୍ସବମୁଖର ପଶ୍ଚିମ ଓଡ଼ିଶା

–ଧାର୍ଯ୍ୟ ସମୟରେ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି ହେଲା ନବାନ୍ନ

- ସୁରକ୍ଷିତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଆଜିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ
- ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯନ୍ତ୍ରୀଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଇଞ୍ଜିନିୟର୍ସ ଦିବସ

ଏବଂ

- ରାଜ୍ୟର ୧୬ଟି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ନୂଆଁଖାଇ

ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଆଜି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଉଛି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଆଜି ନିର୍ଦ୍ଧାରିତ ସମୟ ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯାଇଛି। ବର୍ଷର ପ୍ରଥମ ଅମଳ ଶସ୍ୟରୁ ପ୍ରସ୍ତୁତ ଭୋଗ ମାଆଙ୍କ ନିକଟରେ ଅର୍ପଣ କରାଯିବା ସହ ମନ୍ଦିର ପରିସରରେ ଥିବା ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଲାଗି ସଂପନ୍ନ ହୋଇଛି । ମାଆଙ୍କର ଆଶୀର୍ବାଦ ଲାଭ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି । ମାଆ ସମଲେଶ୍ୱରୀଙ୍କ ନିକଟରେ ନବାହ୍ନ ଲାଗି ହେବା ପରେ ଘରେ ଘରେ ପରିବାର ସଦସ୍ୟମାନେ ଏକାଠି ବସି ନୂଆ ଖାଇବା ସହ ପରସ୍ପରକୁ ନୂଆଁଖାଇ ଜୁହାର ଭେଟ୍ ହୋଇଛନ୍ତି। ଶୁଣନ୍ତୁ ଏ ସଂପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ।

ନୂଆଖାଇ କେବଳ ଏକ ପାରମ୍ପରିକ ପର୍ବ ନୁହେଁ, ପଂକ୍ତି ଭୋଜନ ଓ ବନ୍ଧୁ ମିଳନ ମାଧ୍ୟମରେ ସାମାଜିକ ଓ ପାରିବାରିକ ଆତ୍ମୀୟତାର ଏକ ନିଛକ ପ୍ରତୀକ । ଏହା କେବଳ ନବାନ୍ନ ଖାଇବାର ପରମ୍ପରା ନୁହେଁ, ମାଟି

ମାଆକୁ ପ୍ରଣାମ, ଚାଷୀର ଶ୍ରମକୁ ସମ୍ମାନ ଏବଂ ପରିବାର ଓ ସମାଜକୁ ଏକସୂତ୍ରରେ ବାନ୍ଧିବାର ଅବସର ।

କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ର ଲଙ୍କେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିଛନ୍ତି ।

ନୂଆଁଖାଇ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ନୂଆଁଖାଇକୁ ସାମାଜିକ ତଥା ପାରିବାରିକ ଆତ୍ମୀୟତାର ପ୍ରତୀକ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଁଖାଇ ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ମାଟି, ସଂସ୍କୃତି, ଚାଲିଚଳଣ ଓ ସାମାଜିକ ଏକତାର ପ୍ରାଣସ୍ପନ୍ଦନ। ଏହି ପର୍ବ ସମସ୍ତଙ୍କ ମନରୁ ଭେଦଭାବ ଦୂର କରି ଏକତାସୂତ୍ରରେ ବାନ୍ଧି ଦେଉ ବୋଲି ଶ୍ରୀ ମାଝୀ କାମନା କରିଛନ୍ତି ।

ବଲାଙ୍ଗୀର ଜିଲ୍ଲାର ପୁରପଲ୍ଲୀରେ ଇଷ୍ଟଦେବୀ ମା’ ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ରାଜପରିବାର

ଏକାଠି ନୂଆଁ ଖାଇଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନୂଆଁଖାଇର ଶୁଭେଚ୍ଛା ଜଣାଇ କହିଛନ୍ତି :

**- V/O (Singhdeo) -**

ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ପର୍ବ ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ।

ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ପାଖରେ ପାହୁର ଭୋଗ ଲାଗି ପରେ ଲୋକେ ନିଜ ନିଜର ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଭୋଗ ଲଗାଇ ପରିବାର ସହ ନୂଆଁ ଖାଇଛନ୍ତି । ଜିଲ୍ଲାର ଅନେକ ସ୍ଥାନରେ ନୂଆଁଖାଇ ଜୁହାର ଭେଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏ ସଂପର୍କରେ ସୁବର୍ଣ୍ଣପୁରର ସଂସ୍କୃତି ଗବେଷକ ଡକ୍ଟର ଦେବାଶିଷ ପାଣ୍ଡ୍ୟା କହିଛନ୍ତି : **V/O**

ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ଧାର୍ଯ୍ୟ ସମୟରେ ନବାନ୍ନ ଲାଗି କରାଯାଇଛି । ମହାନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ନିଆଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଦଧିବାମନ ମନ୍ଦିରରେ ନବାନ୍ନ ଲାଗି ହେବା ପରେ ଲୋକେ ନିଜ ନିଜର ଗ୍ରାମଦେବଦେବୀ ନବାନ୍ନ ଲାଗି କରିବା ସହ ଘରେ ଘରେ ନବାନ୍ନ ଭକ୍ଷଣ କରିଥିଲେ ।

ମାଟିର ଏହି ମହାପର୍ବ, ପରମ୍ପରା, ସଂସ୍କୃତି ନୂତନ ସମ୍ଭାବନା ଆଣିଦେଉ, ସମସ୍ତଙ୍କୁ ନୂଆଁଖାଇ ଜୁହାର ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

## ସୁରକ୍ଷିତ ଓ ବିକଶିତ ଓଡ଼ିଶା

ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସୁରକ୍ଷିତ ଓ ବିକଶିତ ଓଡ଼ିଶା ଆଜିଠାରୁ ଆରମ୍ଭ ହୋଇଛି । ଅଭିଯାନ ଅଧୀନରେ ବିଭିନ୍ନ ମଲ୍, ବ୍ୟବସାୟୀକ ପ୍ରତିଷ୍ଠାନ, ଆପାର୍ଟମେଣ୍ଟ, ହୋଟେଲ୍, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଆଦିରେ ଅଗ୍ନି ନିର୍ବାପକ ଓ ଅନ୍ୟାନ୍ୟ ଅଗ୍ନି ସୁରକ୍ଷା ବ୍ୟବସ୍ଥାର କଡ଼ାକଡ଼ି ଯାଞ୍ଚ କରାଯାଉଛି । ଚଳିତବର୍ଷ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ତଥା ନିୟମ ଉଲ୍ଲଂଘନକରି ଚାଲୁଥିବା ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ପ୍ରତିଷ୍ଠାନକୁ ନୋଟିସ୍ ଜାରି କରାଯାଇଛି । ଏହି ଅଭିଯାନ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁଫ ଦିଗରେ ଏହି ଅଭିଯାନ ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଇଞ୍ଜିନିୟର୍ସ ଦିବସ

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯନ୍ତ୍ରୀଙ୍କର ଅବଦାନ ତଥା ବିଶିଷ୍ଟ ଇଞ୍ଜିନିୟର ସାର୍. ଏମ୍ ବିଶ୍ୱେଶରାୟଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଇଞ୍ଜିନିୟର୍ସ ଦିବସ ପାଳନ କରାଯାଉଛି । ୧୯୬୦ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଏହି ଦିବସ ପାଳନ ହୋଇଆସୁଛି । ନିର୍ମାଣ କ୍ଷେତ୍ରରେ ରହିଥିବା ଆହ୍ୱାନର ମୁକାବିଲା, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଯନ୍ତ୍ରୀଙ୍କର ଭୂମିକାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଏମ୍ ବିଶେସ୍ୱରାୟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ଉତ୍ତମ ଭବିଷ୍ୟତ ନିର୍ମାଣ, ନବସୃଜନ ଏବଂ ସମାଧାନ ପ୍ରଦାନ କରିବାରେ ବହୁମୂଲ୍ୟ ଯୋଗଦାନ ରଖୁଥିବା ଦେଶର ଇଞ୍ଜିନିୟରମାନଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟୀ କହିଛନ୍ତି ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କ ଦୂରଦୃଷ୍ଟି ଇଞ୍ଜିନିୟରିଂ କ୍ଷେତ୍ରରେ ଉତ୍କର୍ଷ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ସମର୍ପଣ ଭାରତର ପ୍ରଗତିରେ ଏକ ସ୍ଥାୟୀ ଅବଦାନ ରଖିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଞ୍ଜିନିୟରିଂ କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କ ଅବଦାନକୁ ପ୍ରଶଂସା କରି କହିଛନ୍ତି, ଓଡ଼ିଶା ତଥା ଭାରତକୁ ସୁଦୃଢ଼, ସମୃଦ୍ଧ ଓ ଆତ୍ମନିର୍ଭର କରିବାରେ ଇଂଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ଗଣତନ୍ତ୍ର ଦିବସ

ଗଣତନ୍ତ୍ରର ମୂଲ୍ୟବୋଧ, ମାନବ ଅଧିକାର ଓ ନାଗରିକଙ୍କ ଅଂଶ ଗ୍ରହଣ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ପାଳନ କରାଯାଇଥାଏ । ଗଣତନ୍ତ୍ର ହେଉଛି ଏକ ସମୃଦ୍ଧ ଓ ସଶକ୍ତ ରାଷ୍ଟ୍ରର ମୂଳଦୁଆ । ଏହାର ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଲୋକଙ୍କ ଅଧିକାର, ସମାନତା, ନ୍ୟାୟ ଓ କଲ୍ୟାଣକୁ ସୁନିଶ୍ଚିତ କରି ଏକ ବିକଶିତ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ନାଗରିକମାନେ ନିଜର ଯୋଗଦାନ ରଖିବା ଆବଶ୍ୟକ । ଆଜିର ଦିନ ସମସ୍ତଙ୍କୁ ସ୍ମରଣ କରାଇଥାଏ, ଗଣତନ୍ତ୍ରର ସୁରକ୍ଷା କେବଳ ସରକାର କିମ୍ବା ରାଜନୈତିକ ବ୍ୟବସ୍ଥାର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଓ ଦାୟିତ୍ୱଶୀଳ ଅଂଶଗ୍ରହଣ ଦ୍ୱାରା ଅଧିକ ଶକ୍ତିଶାଳୀ ହୋଇଥାଏ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଗଣତନ୍ତ୍ର ହେଉଛି ପ୍ରତ୍ୟେକ ନାଗରିକଙ୍କ ସ୍ୱର । ବିଶ୍ୱର ସର୍ବବୃହତ ଗଣତନ୍ତ୍ର

ଭାରତରେ ରହିଛି । ବିବିଧତାର ଏକତା ସହିତ ପ୍ରତ୍ୟେକ ଭୋଟ୍ ଶକ୍ତି ଭାରତର ଗଣତନ୍ତ୍ରର ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣତନ୍ତ୍ର ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହା ହେଉଛି ଜନସାଧାରଣଙ୍କ ସ୍ୱର ଓ ଅଧିକାର । ଜନତାଙ୍କ ଦ୍ୱାରା, ଜନତାଙ୍କ ପାଇଁ ଓ ଜନତାଙ୍କ ଶାସନ ହିଁ ପ୍ରକୃତ ଗଣତନ୍ତ୍ର ।

## ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ତା'ର ସଫଳ ଜୟଯାତ୍ରାର ୬୭ ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ  ପ୍ରସାରଣର ଯୁଗ ଆରମ୍ଭ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପ୍ରଥମ ପ୍ରସାରଣକୁ ଉଦ୍‌ଘାଟନ କରିଥିଲେ । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଦୂରଦର୍ଶନ କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା ।  ସଂଖ୍ୟାଧିକ ଷ୍ଟୁଡିଓ, ସାଟେଲାଇଟ୍ ଏବଂ ଡିଟିଏଚ୍ ସେବା ଜରିଆରେ ଦେଶର ଶତପ୍ରତିଶତ ଲୋକଙ୍କ ପାଖରେ ଦୂରଦର୍ଶନର ପ୍ରସାରଣ ସେବା ପହଞ୍ଚି ପାରିଛି ।

# ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତୀ ଶେଷ ହେବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରନ୍ ସିଂହାସନକୁ ବିଜେ କରିବେ । ବିମାନବଡୁ ସେବକମାନେ ସିଂହଦ୍ୱାର ନିକଟରେ ଥିବା ବଡଛତା ମଠ ସମ୍ମୁଖରେ ଥିବା ଖଟ ଉପରେ ରାମକୃଷ୍ଣଙ୍କୁ ବିଜେ କରାଇବେ । ସେଠାରେ ଅନ୍ଧହସ୍ତୀ ଲୀଳା ପ୍ରସ୍ତାବ ନୀତି ସମ୍ପନ୍ନ ହେବାପରେ ଶୀତଳଭୋଗ ମଣୋହୀ କରାଯିବ ।

# ବର୍ଷା

ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ, ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ସ୍ଥଳଭାଗ ସ୍ପର୍ଶ କରିଛି । ଏହାର ପ୍ରଭାବରେ ମୌସୁମୀ ନିମ୍ନଚାପରେଖା ଓ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପ ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର ଓ ମୟୂରଭଞ୍ଜ ସମେତ ୧୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ ରାଜ୍ୟରୁ ଖୁବ୍‌ଶୀଘ୍ର ମୌସୁମୀ ଫେରିଯିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆସନ୍ତା ୪ ଦିନ ମଧ୍ୟରେ ଆରମ୍ଭ ହେବା ନେଇ ପାଗ ଅନୁକୂଳ ରହିବାନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।